# ବ୍ୟାଡମିଣ୍ଟନ: ଭାଇଜାକ୍ ଚାମ୍ପିଅନ

**ଇବ୍‌ଥର୍ମାଲ:** ଓପିଜିସି ଅନ୍ତର୍ଗତ ଇବ୍ ତାପଜ ବିଦ୍ୟୁତ କେନ୍ଦ୍ର ବନହରପାଲ ସ୍ଥିତ କଙ୍କାଳ କ୍ଲବ ପକ୍ଷରୁ ୧୩ ତମ ସର୍ବଭାରତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଗତକାଲି ସମାପ୍ତ ହୋଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ଇବ୍‌ଥର୍ମାଲ ଡାଇରେକ୍ଟର ଅପରେସନ୍ ଇନ୍ଦ୍ରନିଲ ଦତ୍ତା ଉଦ୍‌ଘାଟନ କରିଥିଲେ। ଏଥିରେ ରାଞ୍ଚି, ରାୟପୁର, ଭାଇଜାକ୍, ଭୁବନେଶ୍ୱର ଆଦି ଅଞ୍ଚଳରୁ ମୋଟ ୧୬ଟି ଦଳ ଭାଗନେଇଥିଲେ। ଏହି ଡବଲ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଚୂଡ଼ାନ୍ତ ପର୍ଯ୍ୟାୟ ଖେଳ ଟି. ଦୀନେଶ, ଭେଙ୍କଟେସ୍ ଭାଇଜାକ୍ ବନାମ ସଚ୍ଚିନ ଏବଂ ସାହିଲ ରାଞ୍ଚି ସହ ହୋଇଥିଲା। ୨୦-୧୭ ଏବଂ ୨୦-୧୮ରେ ଟି ଦୀନେଶ, ଭେଙ୍କଟେସ୍ ଦଳ ଦୁଇଟି ସେଟ୍ ଜିତି ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଇବ୍‌ଥର୍ମାଲ ଡାକ୍ତରଖାନା ସିଏମ୍‌ଓ ଡାକ୍ତର ବିଜୟ ଲାଲ ବିଶ୍ୱାଳ ବିଜୟୀ ଦଳ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇବ୍‌ଥର୍ମାଲ ବରିଷ୍ଠ ଅଧିକାରୀ ବିଜୟ ମିଶ୍ର,ସିଆର ସ୍ୱାଇଁ, ଦିଲୀପ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ରେଫରୀ ଭାବେ ଅଚ୍ୟୁତାନନ୍ଦ ଆଚାର୍ଯ୍ୟ ସମସ୍ତ ମ୍ୟାଚ ପରିଚାଳନା କରିଥିଲେ। କ୍ଲବ ସଦସ୍ୟ ବସନ୍ତ ପୃଷ୍ଟି, ମେଘନାଦ ସେଠୀ, ସଂଜୟ ପଣ୍ଡା, ଦିଲୀପ ଠାକୁର, ଗୁରୁଚରଣ ପ୍ରଧାନ, କୃଷ୍ଣ ସାହୁ, କିଶୋର ପୃଷ୍ଟି ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।